# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 02 January – 2026

********************************

## ମୁଖ୍ୟ ସମ୍ବାଦ

- ଆଧୁନିକ ଓଡିଶା ଗଠନରେ ଡକ୍ଟର ହରେକୃଷ୍ଣ ମହତାବଙ୍କର ଅବଦାନ ଚିରସ୍ମରଣୀୟ; କହିଲେ ମୁଖ୍ୟମନ୍ତ୍ରୀ
- ଯୁକ୍ତ ଦୁଇ ପ୍ରାକ୍ଟିକାଲ ପରୀକ୍ଷା ଆଜିଠାରୁ ଆରମ୍ଭ
- ପରିବହନ ବିଭାଗର ଗ୍ରୀନ୍ ଷ୍ଟିକର ପାଇବା ପାଇଁ ପ୍ରଦୂଷଣ ପ୍ରମାଣପତ୍ର ବାଧ୍ୟତାମୂଳକ
- ବରଗଡ଼ ଧନୁଯାତ୍ରାର ଦଶମ ଦିବସରେ କୃଷ୍ଣ-ବଳରାମଙ୍କ ବଧ ପାଇଁ କଂସ ମହାରାଜଙ୍କ ଯୋଜନା ପ୍ରସ୍ତୁତି

— ଧନୁଯାତ୍ରା ଆସନ୍ତାକାଲି ହେବ ଉଦ୍‌ଯାପିତ

ଏବଂ

- ଡିସେମ୍ବର ମାସରେ ରାଜ୍ୟରେ ସର୍ବାଧିକ ୨୬ ଦିନ ଘନକୁହୁଡି ଦୃଶ୍ୟମାନ ଥିବା ନେଇ ପାଣିପାଗ କେନ୍ଦ୍ରର ସୂଚନା

# ହରେକୃଷ୍ଣ ମହତାବ

ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ତଥା ଆଧୁନିକ ଓଡ଼ିଶାର ନିର୍ମାତା ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ପୁଣ୍ୟତିଥିରେ ରାଜ୍ୟବାସୀ ତାଙ୍କ ଅମ୍ଳାନ ସ୍ମୃତିପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଭଦ୍ରକ ଜିଲ୍ଲାର ଆଗରପଡ଼ାଠାରେ ୧୮୯୯ ମସିହା ନଭେମ୍ବର ୨୧ ତାରିଖରେ ଜନ୍ମଗ୍ରହଣ କରିଥିବା ଶ୍ରୀ ମହତାବ ୧୯୮୭ ମସିହା ଆଜିର ଦିନରେ ପରଲୋକ ଗମନ କରିଥିଲେ। ୧୯୨୧ ମସିହାରେ ସେ ପାଠପଢ଼ା ଛାଡ଼ି ସ୍ୱାଧୀନତା ଆନ୍ଦୋଳନରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶାର ପ୍ରଜା ଆନ୍ଦୋଳନର ନେତୃତ୍ୱ ନେଇ ସେ କାରାବରଣ କରିଥିଲେ। ୧୯୪୬ରୁ ୧୯୫୦ ଏବଂ ୧୯୫୬ରୁ ୧୯୬୧ ପର୍ଯ୍ୟନ୍ତ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ତାଙ୍କର ଶାସନ ସମୟରେ ଓଡ଼ିଶାର ରାଜଧାନୀ କଟକରୁ ଭୁବନେଶ୍ୱରରୁ ସ୍ଥାନାନ୍ତରିତ ହୋଇଥିଲା।

ଉତ୍କଳ କେଶରୀ ଡକ୍ଟର ମହତାବଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ **ରାଜ୍ୟପାଳ** ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି, ଏହି ମହାନ ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନ ସର୍ବଦା ଚିରସ୍ମରଣୀୟ ହୋଇ ରହିବ।

ଆଧୁନିକ ଓଡ଼ିଶା ଗଠନ କ୍ଷେତ୍ରରେ ଡକ୍ଟର ହରେକୃଷ୍ଣ ମହତାବଙ୍କ ଅବଦାନ ଚିରସ୍ମରଣୀୟ ହୋଇ ରହିବ ବୋଲି **ମୁଖ୍ୟମନ୍ତ୍ରୀ** ମୋହନ ଚରଣ

ମାଝୀ କହିଛନ୍ତି। ବିଧାନସଭା ପରିସରରେ ଆଜି ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି....

**- V/O - (CM)**

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ଉପବାଚସ୍ପତି, ଭବାନୀଶଙ୍କର ଭୋଇ, ସରକାରୀ ଦଳ ମୁଖ୍ୟ ସଚେତକ ଏବଂ ଅନ୍ୟ ବିଧାୟକମାନେ ଉପସ୍ଥିତ ରହି ଶ୍ରୀ ମହତାବଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ବିଧାନସଭା ଦ୍ୱାରା ପ୍ରକାଶିତ 'ହୁ ଇଜ୍ ହୁ' ପୁସ୍ତକ ଓ କ୍ୟାଲେଣ୍ଡର ଉନ୍ମୋଚିତ ହୋଇଯାଇଛି।

## ଏନ୍‌ଏଚ୍‌ଏଆଇ-କାର୍ଡ

ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ-ଏନ୍‌ଏଚ୍‌ଏଆଇ ଆସନ୍ତା ଫେବୃୟାରୀ ମାସ ୧ ତାରିଖଠାରୁ ସମସ୍ତ ନୂଆ ଫାସ୍‌ଟ୍ୟାଗ୍ ଯୁକ୍ତ କାର୍ ପାଇଁ 'ନୋ ଇୟୋର ଭେହିକିଲ୍'-କେୱାଇଭି କାର୍ଡ ବନ୍ଦ କରିବାକୁ ଘୋଷଣା କରିଛି । ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ କହିଛି ଜନସାଧାରଣଙ୍କ ସୁବିଧା ବୃଦ୍ଧି ଏବଂ ରାଜପଥ ବ୍ୟବହାରକାରୀମାନେ ସମ୍ମୁଖୀନ ହେଉଥିବା ସମସ୍ୟାକୁ ଦୂର କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି । ଏଥିରେ କୁହାଯାଇଛି କେୱାଇଭି କେବଳ ଅଭିଯୋଗ ଗ୍ରହଣ କ୍ଷେତ୍ରରେ ଆବଶ୍ୟକ ହେବ । କୌଣସି ଅଭିଯୋଗ ନଥିଲେ ପୂର୍ବରୁ ଫାସ୍‌ଟ୍ୟାଗ୍ ଥିବା କାର୍ ପାଇଁ କୌଣସି କେୱାଇଭି ଆବଶ୍ୟକ ହେବ ନାହିଁ ।

## ପୃଥ୍ୱୀରାଜ ହରିଚନ୍ଦନ-ରିଲ୍ସ

ଭୁବନେଶ୍ୱର ଲୋକସେବା ଭବନରେ ଚିତ୍ରୋତ୍ତଳନ ଓ ରିଲ୍ସକୁ ନେଇ ଗୃହ ବିଭାଗ ପକ୍ଷରୁ ଖୁବ୍‌ଶୀଘ୍ର ମାର୍ଗଦର୍ଶିକା ଜାରି କରାଯିବ ବୋଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଲୋକସେବା ଭବନର କର୍ମଚାରୀ ଏବଂ ବାହାର ବ୍ୟକ୍ତିଙ୍କ ପାଇଁ ରିଲ୍ସର କୌଣସି ଅବକାଶ ନାହିଁ। ଆଗାମୀ ଦିନରେ ଗୃହ ବିଭାଗ ସୁରକ୍ଷା କର୍ମୀଙ୍କୁ ଏ ସମ୍ପର୍କରେ ତାଗିଦ୍ କରିବ। ରିଲ୍ସ କରୁଥିବା ନଜର ଆସିଲେ ସୁରକ୍ଷା କର୍ମୀ ଓ ପୁଲିସ୍ ପଦକ୍ଷେପ ନେବେ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି।

## ଦାୟିତ୍ୱ ଗ୍ରହଣ

ରାଜ୍ୟ ସରକାର ବରିଷ୍ଠ ଆଇଏଏସ୍ ସ୍ତରରେ ଅଦଳ-ବଦଳ କରିଛନ୍ତି। ଏହି କ୍ରମରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ **ରଞ୍ଜନ କୁମାର ସିଂହ** ଆଜି ରାଜ୍ୟ ଉନ୍ନୟନ କମିଶନର ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଯୋଜନା ଓ ସଂଯୋଜନା ବିଭାଗ ସ୍ଥିତ ଉନ୍ନୟନ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ଶ୍ରୀ ସିଂହ ପୂର୍ବାହ୍ଣ ୧୦ଟା ସମୟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସମସ୍ତଙ୍କ ସହଯୋଗରେ ରାଜ୍ୟର ଉନ୍ନତି ଦିଗରେ ସେ କାର୍ଯ୍ୟ କରିବେ ବୋଲି କହିଛନ୍ତି।

## - V/O - (ରଞ୍ଜନ କୁମାର ସିଂହ)

## ପରୀକ୍ଷା

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ପ୍ରାକ୍ଟିକାଲ ପରୀକ୍ଷା ଆଜିଠାରୁ ଆରମ୍ଭ ହୋଇଛି। ଚଳିତଥର କଳା, ବିଜ୍ଞାନ, ବାଣିଜ୍ୟ

ଓ ଧନ୍ଦାମୂଳକ ଶିକ୍ଷାର ୨ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି। ଚଳିତମାସ ୧୫ ତାରିଖ ପର୍ଯ୍ୟନ୍ତ ପ୍ରାକ୍ଟିକାଲ ପରୀକ୍ଷା ଅନୁଷ୍ଠିତ ହେବ। ଆସନ୍ତା ୨୫ ତାରିଖ ମଧ୍ୟରେ କଲେଜ କର୍ତ୍ତୃପକ୍ଷଙ୍କୁ ପ୍ରାକ୍ଟିକାଲ ଓ ଇଣ୍ଟରନାଲ ଆସେସ୍‌ମେଣ୍ଟର ଫଳାଫଳକୁ ଅପ୍‌ଲୋଡ କରିବା ପାଇଁ ପରିଷଦ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।  ସୂଚନା ଥାଉକି, ଆସନ୍ତାମାସ ୧୬ ତାରିଖରୁ ଯୁକ୍ତଦୁଇ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ମାସ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ।

## ଗ୍ରୀନ ଷ୍ଟିକର

ଆସନ୍ତା ୧୦ ତାରିଖରୁ ପରିବହନ ବିଭାଗ ପକ୍ଷରୁ ଗ୍ରୀନ୍ ଷ୍ଟିକର ପ୍ରଦାନ କରାଯିବ। ଏ ନେଇ ପ୍ରଦୂଷଣ ପ୍ରମାଣପତ୍ର ଓ ପରିଚୟପତ୍ରକୁ ବାଧ୍ୟତାମୂଳକ କରାଯାଇଛି। ୧୦ ତାରିଖ ପୂର୍ବରୁ ପ୍ରମାଣପତ୍ର କରିଥିଲେ ଆରଟିଓରୁ ଏବଂ ପରେ କରିଥିଲେ ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚ କେନ୍ଦ୍ରରୁ ଗ୍ରୀନ୍ ଷ୍ଟିକର ମିଳିବା ନେଇ  ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଗାଡି ମାଲିକଙ୍କ ବ୍ୟତୀତ ଅନ୍ୟ କେହି ଜଣେ ଗ୍ରୀନ୍ ଷ୍ଟିକର ଆଣିବାକୁ ଗଲେ ଗାଡି ମାଲିକଙ୍କର ଅନୁମତି ପତ୍ର ଦେଖାଇବାକୁ ପଡିବ। ଅନ୍ୟପକ୍ଷରେ, ଗ୍ରୀନ୍ ଷ୍ଟିକର ଲଗାଇବା ବାଧ୍ୟତାମୂଳକ ନୁହେଁ ବୋଲି ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି। ଗ୍ରୀନ୍ ଷ୍ଟିକର ଲଗାଇବା ଦ୍ୱାରା ଗାଡି ଯାଞ୍ଚ ସମୟରେ ସହଜତାକୁ ଉପଲବ୍ଧ କରିବା ନେଇ ବିଭାଗ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି।

## ବରଗଡ ଧନୁଯାତ୍ରା

**ବରଗଡ଼**ର ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାର **ଦଶମ** ଦିବସରେ  ଆଜି କଂସ ମହାରାଜଙ୍କ ଦିଗ୍‌ବିଜୟ, କୃଷ୍ଣ ବଳରାମଙ୍କ ହତ୍ୟା ପାଇଁ କଂସଙ୍କ ଯୋଜନା ପ୍ରସ୍ତୁତି, କଂସର ଛାୟା ଓ ସ୍ୱପ୍ନ, କୃଷ୍ଣବଳରାମଙ୍କ ସୁଦାମା ମାଳୀ ଓ ରଜକଙ୍କ ସହ ସାକ୍ଷାତ, କାଳୀ ମନ୍ଦିରରେ କୁବୁଜା ଉଦ୍ଧାର ଏବଂ କୃଷ୍ଣବଳରାମଙ୍କ ନଗର ଭ୍ରମଣ ଏବଂ ବୃନ୍ଦାବନ ଗୃହେ ବିଶ୍ରାମ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଧନୁଯାତ୍ରା ଉପଲକ୍ଷେ ୧୧ ଦିନ ପାଇଁ ବରଗଡ଼ ସହର ‘ମଥୁରା’ ଏବଂ ଅମ୍ବାପଲ୍ଲି ଅଞ୍ଚଳକୁ ‘ଗୋପପୁର’ କରାଯାଇଛି । ଆସନ୍ତାକାଲି ଧନୁଯାତ୍ରା ଉଦ୍‌ଯାପିତ ହେବ।

## ନିତ୍ୟାନନ୍ଦ ଗଣ୍ଡ

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଜି **ନବରଙ୍ଗପୁର** ଜିଲ୍ଲା ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଝରିଗାଁ ବ୍ଲକ୍‌ର କରମରି ଓ ଉମରକୋଟ ବ୍ଲକ୍‌ର  ବୁର୍ଜାଠାରେ କସ୍ତୁରବା ବାଳିକା ବିଦ୍ୟାଳୟର ୧ କୋଟି ଟଙ୍କା ବ୍ୟୟ ଅଟ୍ଟକଳରେ ଏକ ଅତିରିକ୍ତ ଛାତ୍ରାବାସର ଶିଳାନ୍ୟାସ କରିଛନ୍ତି। ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଲକ୍ଷ୍ୟରେ ସରକାର ଷ୍ଟାଇପେଣ୍ଡ ବୃଦ୍ଧି, ମାଧୋ ସିଂ ହାତଖର୍ଚ୍ଚ ଯୋଜନା, ବିଦ୍ୟାଳୟର ଉନ୍ନତୀକରଣ, ପିଏମ୍‌ଶ୍ରୀ ସ୍କୁଲ, ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭଳି ଯୋଜନା କାର୍ଯ୍ୟକାରୀ କରାଉଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି। କାର୍ଯ୍ୟକ୍ରମରେ ସାଂସଦ ବଳଭଦ୍ର ମାଝୀ, ବିଧାୟକ ନରସିଂହ ଭତରା ପ୍ରମୁଖ ଉପସ୍ଥିତ ଥିଲେ।

## ସଚେତନତା କାର୍ଯ୍ୟକ୍ରମ

**ଗଜପତି** ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା କୃଷି କାର୍ଯ୍ୟାଳୟଠାରେ ପାରା କୃଷି କର୍ମଚାରୀ ଏବଂ କୃଷକ ସାଥୀମାନଙ୍କ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କୃଷି ଓ କୃଷକ ସହାୟତା ଯୋଜନାଗୁଡ଼ିକୁ ଲୋକାଭିମୁଖୀ କରିବା ପାଇଁ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ଏମ୍.ପ୍ରକାଶ ରାଓ କହିଛନ୍ତି । କର୍ମଚାରୀମାନେ କୃଷକମାନଙ୍କ ନିକଟକୁ ଯାଇ କୃଷି ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନ କରିବେ ବୋଲି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି ।

## ପ୍ରସ୍ତୁତି ବୈଠକ

**ଗଞ୍ଜାମ** ଜିଲ୍ଲା ସୁନାପୁର ବେଳାଭୂମି ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଧାୟକ ମନୋରଞ୍ଜନ ଦିଆନ୍ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମହୋତ୍ସବ ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା । ମହୋତ୍ସବ ଆସନ୍ତା ୩୦ ତାରିଖରୁ ୩ ଦିନ ଧରି ଅନୁଷ୍ଠିତ ହେବ । ଏହି ବିଚ୍‌କୁ ବ୍ଲୁଫ୍ଲାଗ୍ ବିଚ୍‌ର ମାନ୍ୟତା ମିଳିଛି ।

## ବାର୍ଷିକ ଉତ୍ସବ

**ଭଦ୍ରକ** ଜିଲ୍ଲା ଚାନ୍ଦବାଲି ବ୍ଲକ୍ ଘଣ୍ଟେଶ୍ୱର ମହାବିଦ୍ୟାଳୟର ୩୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଓଡ଼ିଶାକୁ ବିକଶିତ ରାଜ୍ୟରେ ପରିଣତ

କରିବା, ୨୦୪୭ ମସିହା ସୁଦ୍ଧା ଦେଶ ଆଜାଦୀର ଶହେ ବର୍ଷ ପୂର୍ତ୍ତି ପାଳନ କରି ଯୁବପିଢ଼ି ଅମୃତ ଭାରତ ଦେଖିବେ ବୋଲି ମନ୍ତ୍ରୀ ଶ୍ରୀ ସୂରଜ କହିଥିଲେ।

## ପରଲୋକ

ନୀଳଗିରିର ପୂର୍ବତନ ବିଧାୟକ ଅକ୍ଷୟ କୁମାର ଆଚାର୍ଯ୍ୟଙ୍କ ୭୬ ବର୍ଷ ବୟସରେ ଆଜି ପରଲୋକ ହୋଇଯାଇଛି। ସ୍ୱର୍ଗତ ଆଚାର୍ଯ୍ୟଙ୍କ ଦେହାନ୍ତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟର ବରିଷ୍ଠ ନେତୃବୃନ୍ଦ ଶୋକପ୍ରକାଶ କରିଛନ୍ତି। ନୀଳଗିରି ଆସନରୁ ଶ୍ରୀ ଆଚାର୍ଯ୍ୟ ୧୯୮୦ ଓ ୧୯୯୫ ମସିହାରେ ଦୁଇଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ।

# ପାଣିପାଗ

ରାଜ୍ୟରେ ଶୀତଲହରୀ ଜାରି ରହିଛି। ରାତି ତାପମାତ୍ରାରେ ହ୍ରାସ ଘଟିବା ସହ ସାଧାରଣ ଜନଜୀବନ ବ୍ୟାହତ ହୋଇଛି। ଭୁବନେଶ୍ୱର ପାଣିପାଗ ବିଭାଗର ସୂଚନା ଅନୁସାରେ, ଆଗାମୀ ଦୁଇଦିନ ମଧ୍ୟରେ ରାଜ୍ୟର ସର୍ବାଧିକ ତାପମାତ୍ର ୨ ରୁ ୩ ଡ଼ିଗ୍ରୀ ବୃଦ୍ଧି ପାଇବ। ଆଜି ସକାଳ ସମୟରେ ରାଜ୍ୟର ୮ଟି ସ୍ଥାନରେ ଘନକୁହୁଡ଼ି ଦୃଶ୍ୟମାନ ହୋଇଥିଲା। ଆଗାମୀ ୭ ଦିନ ପର୍ଯ୍ୟନ୍ତ ପାଗ ମୁଖ୍ୟତଃ ଶୁଖିଲା ରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି।

ଗତ ଡିସେମ୍ବର ମାସରେ ଦେଶରେ ସବୁଠାରୁ ଅଧିକ ଦିନ ଓଡ଼ିଶାରେ ଘନକୁହୁଡି ଦୃଶ୍ୟମାନ ହୋଇଥିଲା । ଡିସେମ୍ବର ମାସର ମୋଟ୍ ୩୧ଦିନ ମଧ୍ୟରୁ ୨୬ଦିନ ଘନକୁହୁଡି ଦେଖାଦେଇଥିଲା । ହିମାଚଳପ୍ରଦେଶ,

ଆସାମ, ମେଘାଳୟରେ ଦ୍ୱିତୀୟ ସର୍ବାଧିକ ୨୩ଦିନ ଘନକୁହୁଡି ଦେଖାଦେଇଥିଲା ।